OPEN ACCESS

*Ind. Jr. of Mod. Res. and Rev* | *PEER-REVIEWED JOURNAL* | *Volume 4 Issue 8 [Aug] Year 2026*

# Indian Journal of Modern Research and Reviews

**This Journal is a member of the *'Committee on Publication Ethics'***

**Online ISSN:**2584-184X

*Research Article*

# ପାଶ୍ଚାତ୍ୟ ସାହିତ୍ୟରେ ମିଥ୍: ଏକ ସମୀକ୍ଷାତ୍ମକ ଆଲୋଚନା

# Myth in Western Literature: A Critical Discussion

**ରୁଦ୍ର ନାରାୟଣ ବେଉରା**

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବକ୍ସିଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା, ଭାରତ

**Corresponding Author:** * ରୁଦ୍ର ନାରାୟଣ ବେଉରା

**DOI:** https://doi.org/10.5281/zenodo.22111790

**ସାରାଂଶ**

ଏହି ପ୍ରବନ୍ଧରେ ପାଶ୍ଚାତ୍ୟ ସାହିତ୍ୟରେ ମିଥ୍‌ର ସ୍ୱରୂପ, ଉତ୍ପତ୍ତି, ବିକାଶ ଓ ସାହିତ୍ୟିକ ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଛି। ମିଥ୍ କେବଳ ପ୍ରାଚୀନ ମାନବର ଧାର୍ମିକ ବିଶ୍ୱାସ, ଦେବାଦେବୀ ଓ ଅଲୌକିକ କାହାଣୀର ସମାହାର ନୁହେଁ; ଏହା ମାନବ ସଭ୍ୟତାର ସାମୂହିକ ମନୋବୃତ୍ତି, ସାଂସ୍କୃତିକ ଚେତନା ଓ ଅସ୍ତିତ୍ୱବୋଧର ଏକ ଗଭୀର ପ୍ରତିଫଳନ। ଗ୍ରୀକ୍ ଓ ରୋମାନ୍ ପରମ୍ପରାରୁ ଆରମ୍ଭ କରି ଆଧୁନିକ ଓ ଉତ୍ତର-ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ମିଥ୍ ବିଭିନ୍ନ ରୂପ ଓ ପ୍ରତୀକ ମାଧ୍ୟମରେ ସାହିତ୍ୟକୁ ପ୍ରଭାବିତ କରିଆସିଛି। ହୋମର, ସୋଫୋକ୍ଲିଜ୍, ଭର୍ଜିଲ୍‌ଙ୍କ କୃତିଠାରୁ ଆରମ୍ଭ କରି ଜେମ୍ସ ଜଏସ୍, ଟି.ଏସ୍. ଏଲିଅଟ୍ ଓ ଅନ୍ୟାନ୍ୟ ଆଧୁନିକ ସାହିତ୍ୟିକଙ୍କ ରଚନାରେ ମିଥ୍‌ର ପୁନଃସୃଜନ ଓ ପୁନଃବ୍ୟାଖ୍ୟା ଦେଖିବାକୁ ମିଳେ। ତେଣୁ ପାଶ୍ଚାତ୍ୟ ସାହିତ୍ୟରେ ମିଥ୍‌ର ଭୂମିକା କେବଳ କାହାଣୀର ଉପାଦାନ ଭାବରେ ସୀମିତ ନୁହେଁ; ଏହା ସାହିତ୍ୟର ଅର୍ଥ, ପ୍ରତୀକ ଓ ମାନବୀୟ ଅନୁଭୂତିକୁ ଗଭୀର କରିବାର ଏକ ପ୍ରଭାବଶାଳୀ ମାଧ୍ୟମ।

**Manuscript Information**

- **ISSN No:** 2584-184X
- **Received:** 07-07-2026
- **Accepted:** 20-08-2026
- **Published:** 26-08-2026
- **MRR:**4(8); 2026: 272-277
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ରୁଦ୍ର ନାରାୟଣ ବେଉରା. ପାଶ୍ଚାତ୍ୟ ସାହିତ୍ୟରେ ମିଥ୍: ଏକ ସମୀକ୍ଷାତ୍ମକ ଆଲୋଚନା Myth in Western Literature: A Critical Discussion. Indian J Mod Res Rev. 2026;4(8):272-277.

**Access this Article Online**

www.mrrjournal.in

**ପ୍ରମୁଖ ଶବ୍ଦାବଳୀ:** ମିଥ୍, ପାଶ୍ଚାତ୍ୟ ସାହିତ୍ୟ, ଗ୍ରୀକ୍ ପୁରାଣ, ରୋମାନ୍ ପୁରାଣ, ମିଥ୍‌ର ପୁନଃସୃଜନ, ପ୍ରତୀକ, ସାମୂହିକ ଚେତନା, ଆଧୁନିକ ସାହିତ୍ୟ, ମିଥ୍ ଚେତନା, ତୁଳନାତ୍ମକ ସାହିତ୍ୟ।



© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ଉପକ୍ରମ

ମାନବୀୟ ଚେତନାର କ୍ରମବିକାଶ ଏବଂ ସାଂସ୍କୃତିକ ଅଭିବ୍ୟକ୍ତିର ମୂଳଦୁଆ ଅତି ପ୍ରାଚୀନ କାଳରୁ 'ମିଥ୍' (Myth) ବା ପୌରାଣିକ ଆଖ୍ୟାନ ଉପରେ ପ୍ରତିଷ୍ଠିତ। ସାହିତ୍ୟିକ ଓ ନାନ୍ଦନିକ ଦୃଷ୍ଟିକୋଣରୁ ଦେଖିଲେ, ମିଥ୍ କେବଳ କୌଣସି ଅତିରଞ୍ଜିତ ରୂପକଥା ବା କଳ୍ପନାର ସମାହାର ନୁହେଁ, ବରଂ ଏହା ମାନବ ସମାଜର ସାମୂହିକ ଅବଚେତନ ମନର ଏକ ପ୍ରଜ୍ଜ୍ୱଳିତ ପ୍ରତିଫଳନ। ଏହା ହେଉଛି ସଭ୍ୟତାର ଏକ ଗରିମାମୟ ସାଂସ୍କୃତିକ ଆଲୋକଘର, ଯାହା ମାନବୀୟ ସମ୍ପର୍କର ଗୂଢ଼ ରହସ୍ୟ, ନୈତିକ ସଂହିତା ଏବଂ ଚିରନ୍ତନ ସତ୍ୟକୁ ଯୁଗେ ଯୁଗେ ନିଜ ଗର୍ଭରେ ସଞ୍ଚିତ କରି ରଖିଥାଏ। ସାରସ୍ୱତ ସାଧକମାନଙ୍କ ପାଇଁ ଏହା ଏକ ଶକ୍ତିଶାଳୀ ପ୍ରତୀକାତ୍ମକ ମାଧ୍ୟମ ଭାବେ କାର୍ଯ୍ୟ କରେ, ଯାହା ସାଧାରଣ ଶବ୍ଦକୁ ଏକ ଅଲୌକିକ ଆଧ୍ୟାତ୍ମିକ ଗଭୀରତା ପ୍ରଦାନ କରିଥାଏ। ଏହା କାଳର ସୀମାକୁ ଅତିକ୍ରମ କରି ସମସାମୟିକ ମାନବର ମାନସିକ ସଂଘର୍ଷ, ଜଟିଳତା ଏବଂ ସୌହାର୍ଦ୍ଦ୍ୟକୁ ପ୍ରାଚୀନ ଚେତନାର ସେତୁ ସହ ଯୋଡ଼ିବାରେ ସମର୍ଥ ହୋଇଥାଏ।

ମିଥ୍ (Myth)ର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ବିଭିନ୍ନ ଗବେଷକ, ପ୍ରାବନ୍ଧିକ ତଥା ସମାଲୋଚକମାନେ ବହୁବିଧ ପାଣ୍ଡିତ୍ୟପୂର୍ଣ୍ଣ ମତପୋଷଣ କରିଛନ୍ତି; ଯାହାର ଏକ ସଂକ୍ଷିପ୍ତ ଆଲୋଚନା ଏଠାରେ ଉପସ୍ଥାପନ କରାଯାଉଛି। ବ୍ୟୁତ୍ପତ୍ତିଗତ ଦୃଷ୍ଟିକୋଣରୁ ବିଚାର କଲେ, 'ମିଥ୍' ଶବ୍ଦଟି ଇଂରାଜୀ 'Mythology'ରୁ ଗୃହୀତ। ଏହି 'Mythology' ଶବ୍ଦଟି ମୂଳ ଗ୍ରୀକ୍ ଶବ୍ଦ 'Mythos' (ଯାହାର ଅର୍ଥ ଗଳ୍ପ ବା ଆଖ୍ୟାନ) ଏବଂ 'Logos' (ଯାହାର ଅର୍ଥ ବିଜ୍ଞାନ ବା ସାରତତ୍ତ୍ୱ)ର ସମ୍ମିଶ୍ରଣରୁ ସୃଷ୍ଟି ହୋଇଛି। ପ୍ରାରମ୍ଭିକ କାଳରେ ଏହାକୁ କେବଳ 'ଗଳ୍ପକଥନ' ଅର୍ଥରେ ଗ୍ରହଣ କରାଯାଉଥିବା ବେଳେ, ଆଧୁନିକ ଯୁଗରେ ଏହାର ପ୍ରକୃତ ଅର୍ଥ ପୁରାଣ ପ୍ରସଙ୍ଗ, ପୁରାତତ୍ତ୍ୱ ଏବଂ ପ୍ରାଚୀନ ଐତିହ୍ୟକୁ ହିଁ ବୁଝାଇଥାଏ। ବର୍ତ୍ତମାନ ସାହିତ୍ୟର ଏକ ପ୍ରମୁଖ ଅଙ୍ଗ ଭାବେ 'ମିଥ୍' ଆମର ଧାର୍ମିକ ଚେତନା ଓ ପରମ୍ପରା ସହିତ ପୁରାଣ, ଇତିହାସ ଏବଂ ପ୍ରାଚୀନ ଲୋକକଥାର ଅନ୍ତର୍ନିହିତ ସ୍ୱରୂପକୁ ଅତି ଚମତ୍କାର ଭାବେ ଉପସ୍ଥାପିତ କରୁଛି।

## ମିଥ୍‌ର ସଂଜ୍ଞା:

ସମୂହେଯେପରି ଅନନ୍ତ ଆକାଶର ଅଗଣିତ ତାରକାରାଜିକୁ ଗଣନା କରିବା ସହଜସାଧ୍ୟ ନୁହେଁ, ସେହିପରି ମିଥ୍‌ର ଏକ ସର୍ବସମ୍ମତ ସଂଜ୍ଞା ନିରୂପଣ କରିବା ମଧ୍ୟ ଏକ ଦୁରୂହ ବ୍ୟାପାର। ଏଣୁକରି ବିଭିନ୍ନ ସାହିତ୍ୟ ସାଧକ ତଥା ଚିନ୍ତାନାୟକମାନେ ଏହାର କଳାତ୍ମକ ବ୍ୟାଖ୍ୟା କରି କେତୋଟି ମୁଖ୍ୟ ସଂଜ୍ଞା ପ୍ରଦାନ କରିଛନ୍ତି, ଯାହା ନିମ୍ନରେ ପ୍ରଦତ୍ତ ହେଲା:

- **Max Muller** -myth is the highest sense is the power exercised by language on thought in every possible sphere of mental activity.
- **ନରଥପ୍ ଫ୍ରାଏ** – ମିଥ୍ ବିଶ୍ୱ ସାହିତ୍ୟରେ ଚିରନ୍ତନ ବିଷୟବସ୍ତୁ କେବଳ ପୁରାଣର ବିଷୟ ପୌରାଣିକ ଚରିତ୍ର ଘଟଣା କାହାଣୀକୁ ମିଥ୍ କୁହାଯିବ ନାହିଁ। ସମକାଳୀନ ଜୀବନ ସହିତ ସାମ୍ୟ ରଖୁଥିବା ପ୍ରସଙ୍ଗର ନିର୍ବାଚନ ଓ ତାର ଯଥାଯଥ ସଂଯୋଜନା ଦ୍ୱାରା ବକ୍ତବ୍ୟକୁ ପ୍ରାଣାନ୍ୱିତ ଓ ଗତିଯୁକ୍ତ କରିବା ହିଁ ମିଥ୍।
- **Richard Chase –** myth is only art.
- **ଲିଲିଆ ଫେଜେର** – ମିଥ୍ ହେଉଛି ଜ୍ଞାନର ଆଧାର ଏହା ମଣିଷର ଅନ୍ତହୀନ ଜିଜ୍ଞାସାର ବିଭିନ୍ନ ଶାଖା ଓ ପ୍ରଶାଖାକୁ ଇଙ୍ଗିତ କରେ।

## ପାଶ୍ଚାତ୍ୟ ସାହିତ୍ୟ ରେ ମିଥ୍ :

ଉପରୋକ୍ତ ତାତ୍ତ୍ୱିକ ଆଲୋଚନାର ଅନ୍ତଃସ୍ୱରୂପକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡ଼େ ଯେ, ମିଥ୍‌ର ଚିନ୍ତାଧାରା ପାଶ୍ଚାତ୍ୟ କ୍ରମରେ ବିକଶିତ ହୋଇ ଧୀରେ ଧୀରେ ପ୍ରାଚ୍ୟ ଓ ଅନ୍ୟାନ୍ୟ ଅଞ୍ଚଳର ବୌଦ୍ଧିକ ଭୂମିକୁ ସ୍ପର୍ଶ କରିଛି ଏବଂ ଏକ ଅପୂର୍ବ ନୂତନତା ସହିତ ସାରସ୍ୱତ ଜଗତରେ ଏହାର ଅଙ୍କୁରୋଦ୍‌ଗମ ଘଟିଛି। ମିଥ୍ ବା ପୌରାଣିକ ରୂପକର ବ୍ୟବହାର କେବଳ ପାଶ୍ଚାତ୍ୟ ଜଗତର ପ୍ରାଚୀନ କାଳରେ ହିଁ ସର୍ବାଧିକ ଥିଲା, ତାହା ଭାବିବା ଆଦୌ ସମୀଚୀନ ନୁହେଁ; ବରଂ ଆଧୁନିକ ଜଗତର ସାହିତ୍ୟରେ ହିଁ ଏହାର ପ୍ରୟୋଗ ସବୁଠାରୁ ବ୍ୟାପକ ଏବଂ ଅର୍ଥପୂର୍ଣ୍ଣ ଭାବେ ପରିଲକ୍ଷିତ ହେଉଛି। ପ୍ରକୃତରେ, ବିଂଶ ଶତାବ୍ଦୀର ଜଟିଳ ମାନବୀୟ ସ୍ଥିତିକୁ ରୂପାୟିତ କରିବା ପାଇଁ ମିଥ୍‌କୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରାଯାଇଛି। ଆଧୁନିକ କାଳରେ ଯେଉଁ ବିଶିଷ୍ଟ ସାହିତ୍ୟ ସାଧକମାନେ ପ୍ରାଚୀନ ପୁରାଣର ପରିଧିକୁ ଆଶ୍ରୟ କରି ସାମ୍ପ୍ରତିକ ମାନବ ଜୀବନର ଅନେକ ଦୁରୂହ ସମସ୍ୟା, ସୂକ୍ଷ୍ମ ମନସ୍ତତ୍ତ୍ୱ, ବିବର୍ତ୍ତିତ ସମାଜ, ସଭ୍ୟତାର ସଙ୍କଟ ଏବଂ ସମକାଳୀନ ମାନବୀୟ ଚରିତ୍ରକୁ ଚମତ୍କାର ଭାବେ ଉପସ୍ଥାପିତ କରିଛନ୍ତି, ସେମାନେ ଆଜି ପାଶ୍ଚାତ୍ୟ ସାହିତ୍ୟ ଇତିହାସରେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ।ଏହି କାଳଜୟୀ ସ୍ରଷ୍ଟାମାନଙ୍କ ମଧ୍ୟରେ ଅନନ୍ୟ କବି ଟି. ଏସ୍. ଇଲିଅଟ୍ (T.S. Eliot)ଙ୍କ ନାମ ଅଗ୍ରଗଣ୍ୟ, ଯିଏ ନିଜର ପ୍ରସିଦ୍ଧ କୃତିରେ ପ୍ରାଚୀନ ମିଥ୍ ସାହାଯ୍ୟରେ ସାମ୍ପ୍ରତିକ ବିଶ୍ୱର ଶୂନ୍ୟତା ଓ ନିଃସଙ୍ଗତାକୁ ଚିତ୍ରଣ କରିଛନ୍ତି। ସେହିପରି ଅସ୍ତିତ୍ୱବାଦୀ ଦର୍ଶନର ପ୍ରବକ୍ତା ଜିନ୍-ପଲ୍ ସାର୍ତ୍ରେ(Jean-Paul Sartre), ମନସ୍ତତ୍ତ୍ୱଭିତ୍ତିକ ସଂରଚନାର ଅନ୍ୱେଷକ ତଥା ସମାଲୋଚକବୃନ୍ଦ ଏବଂ ପ୍ରଖ୍ୟାତ ମନୋବିଜ୍ଞାନୀ ୱିଲିୟମ୍ ଜେମ୍ସ (William James) କିମ୍ବା ସାହିତ୍ୟିକ ପ୍ରସଙ୍ଗର ନିର୍ବାଚନ କରୁଥିବା ଅନ୍ୟାନ୍ୟ ଚିନ୍ତା-ନାୟକମାନେ ପ୍ରାଚୀନ ଚରିତ୍ର ଓ ଘଟଣାକୁ ଆଧୁନିକ ସ୍ୱରୂପ ପ୍ରଦାନ କରିଛନ୍ତି। ସେମାନଙ୍କର ଏହି ପ୍ରୟାସ ପ୍ରମାଣିତ କରେ ଯେ, ମିଥ୍ କୌଣସି ଅଚଳ ବା ମୃତ ଇତିହାସ ନୁହେଁ। ଏହା ହେଉଛି ପ୍ରାଚୀନ କାହାଣୀର ନିର୍ବାଚନ ଓ ଯଥାର୍ଥ ପ୍ରୟୋଗ ଦ୍ୱାରା ବର୍ତ୍ତମାନର ସାହିତ୍ୟିକ ବକ୍ତବ୍ୟକୁ ପ୍ରାଣବନ୍ତ, ଗତିଶୀଳ ଏବଂ କାଳଜୟୀ କରିବାର ଏକ ସାରସ୍ୱତ ଶିଳ୍ପ-କଳା। ଏହି ସ୍ରଷ୍ଟାମାନଙ୍କ ଦ୍ୱାରା ଉନ୍ମୋଚିତ ଏହି ନୂତନ ଦିଗ୍‌ବଳୟ ଆଜି ବିଶ୍ୱ ସାହିତ୍ୟକୁ ଏକ ଗଭୀର ବୌଦ୍ଧିକ ଚେତନା ଏବଂ ଚିରନ୍ତନ ଜୀବନବୋଧ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇପାରିଛି।

## ପାଶ୍ଚାତ୍ୟ କାବ୍ୟ କବିତା ରେ ମିଥ୍:

ମାନବୀୟ ସାରସ୍ୱତ ଚିନ୍ତା-ରାଜ୍ୟର ବିସ୍ତୀର୍ଣ୍ଣ ଦିଗ୍‌ବଳୟରେ ପଦ୍ୟ ବା କବିତା ବିଭାଗ ହେଉଛି ସବୁଠାରୁ ଆଦିମ, ବଳିଷ୍ଠ ତଥା ପ୍ରଭାବଶାଳୀ କୃତି। ମନୁଷ୍ୟ ଚେତନାର ସୂକ୍ଷ୍ମତମ ଅଭିବ୍ୟକ୍ତିକୁ ରୂପାୟିତ କରିବାରେ କବିତାର ସାମର୍ଥ୍ୟ ଅନନ୍ୟ। ଏହି ପରମ ସତ୍ୟକୁ ପ୍ରତିପାଦନ କରିବାକୁ ଯାଇ ପାଶ୍ଚାତ୍ୟ ରୋମାଣ୍ଟିକ ସାହିତ୍ୟ ଆନ୍ଦୋଳନର ଯୁଗପ୍ରବର୍ତ୍ତକ ସ୍ରଷ୍ଟା ୱିଲିୟମ୍ ୱର୍ଡ଼ସ୍‌ୱର୍ଥ (William Wordsworth) ନିଜର ପ୍ରସିଦ୍ଧ ସିଦ୍ଧାନ୍ତରେ ଉଲ୍ଲେଖ କରିଛନ୍ତି ଯେ, "କବିତା ହେଉଛି ମାନବ ମନର ପ୍ରବଳ ଭାବୋଚ୍ଛ୍ୱାସର ଏକ ସ୍ୱତଃସ୍ଫୂର୍ତ୍ତ ପ୍ରବାହ" (Poetry is the spontaneous overflow of powerful feelings)। ତାଙ୍କ ମତରେ, କବିତା କୌଣସି କୃତ୍ରିମ ବା ବାଧ୍ୟତାମୂଳକ ବୌଦ୍ଧିକ ପ୍ରୟାସ ନୁହେଁ, ବରଂ ଏହା ମନୁଷ୍ୟର ଗଭୀର ଅନୁଭୂତି, ଆବେଗ ଏବଂ ଅନ୍ତର୍ନିହିତ ସତ୍ୟର ଏକ ସ୍ୱାଭାବିକ ଉଦ୍‌ଗୀରଣ, ଯାହା ଶାନ୍ତ ମୁହୂର୍ତ୍ତରେ ସ୍ମୃତିର ରୋମନ୍ଥନ ଭିତରୁ ଜନ୍ମଲାଭ କରିଥାଏ। ଏହି କାରଣରୁ ଏହା ନିଃସନ୍ଦେହ ଭାବେ କୁହାଯାଇପାରେ ଯେ, ସାହିତ୍ୟର ସମସ୍ତ ପ୍ରକାର ପରୀକ୍ଷା-ନିରୀକ୍ଷା, ଶିଳ୍ପଗତ କ୍ରାନ୍ତି ଏବଂ ଅଭିନବ ପ୍ରୟୋଗ ସର୍ବପ୍ରଥମେ କବିତା ମଧ୍ୟରେ ହିଁ ଦୃଶ୍ୟମାନ ହୋଇଥାଏ।

ଗଦ୍ୟ ସାହିତ୍ୟର ବିକାଶ ପୂର୍ବରୁ ମାନବ ସଭ୍ୟତା ନିଜର ସଂସ୍କୃତି, ବିଶ୍ୱାସ, ଇତିହାସ ଏବଂ ମିଥ୍‌କୁ କେବଳ ପଦ୍ୟ ମାଧ୍ୟମରେ ହିଁ ଜୀବନ୍ତ ରଖିଥିଲା। ଯେତେବେଳେ ସମାଜରେ ଚିନ୍ତାଧାରାର ପରିବର୍ତ୍ତନ ଘଟେ କିମ୍ବା କୌଣସି ନୂତନ ସାଂସ୍କୃତିକ ଆନ୍ଦୋଳନର ସୂତ୍ରପାତ ହୁଏ, ସେତେବେଳେ ତାର ପ୍ରଥମ ପ୍ରତିଫଳନ କବିର ସୂକ୍ଷ୍ମ ସମ୍ବେଦନଶୀଳ ହୃଦୟକୁ ସ୍ପର୍ଶ କରିଥାଏ। କବିତା


© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ନିଜର ସଂକ୍ଷିପ୍ତ ସଂରଚନା ଏବଂ ପ୍ରତୀକାତ୍ମକ ଶକ୍ତି ଯୋଗୁଁ ଯେକୌଣସି ନୂତନ ବିଷୟବସ୍ତୁ କିମ୍ବା ଶୈଳୀକୁ ଅତି ସହଜରେ ଆତ୍ମସାତ କରିପାରେ। ଭାଷାର ସାହିତ୍ୟିକ ସଂସ୍କାର ଠାରୁ ଆରମ୍ଭ କରି ଭାବନାର ନୂତନ ଦିଗ୍‌ବଳୟ ଉନ୍ମୋଚନ କରିବା ପର୍ଯ୍ୟନ୍ତ, ସବୁ କ୍ଷେତ୍ରରେ ପଦ୍ୟ ବିଭାଗ ହିଁ ପ୍ରଥମେ ଅଗ୍ରଦୂତ ସାଜିଥାଏ। ସଂକ୍ଷେପରେ କହିବାକୁ ଗଲେ, ସାହିତ୍ୟିକ ଚିନ୍ତନର ପ୍ରୟୋଗଶାଳା ଭାବେ କବିତା ସଦାସର୍ବଦା ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଆସିଛି। ଏହା ପ୍ରାଚୀନ ପରମ୍ପରାକୁ ରକ୍ଷା କରିବା ସହ ଆଧୁନିକତାର ଅନ୍ୱେଷଣରେ ପ୍ରଥମ ପଦକ୍ଷେପ ଗ୍ରହଣ କରେ, ଯାହା ସାରସ୍ୱତ ଜଗତକୁ ଚିର ପ୍ରାଣବନ୍ତ ଏବଂ ପ୍ରଗତିଶୀଳ କରି ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

ବିଂଶ ଶତାବ୍ଦୀର ସାହିତ୍ୟିକ ଦିଗ୍‌ବଳୟରେ ବହୁ ପାଶ୍ଚାତ୍ୟ ମନୀଷୀ ଓ ଲେଖକବୃନ୍ଦ ପୁରାତନ ମିଥ୍ (Myth) ବା ପୌରାଣିକ ରୂପକର ଅଭିନବ ପ୍ରୟୋଗ କରି ପାଶ୍ଚାତ୍ୟ ସାହିତ୍ୟକୁ ପରମ ସମୃଦ୍ଧ ତଥା ବଳିଷ୍ଠ କରି ଗଢ଼ିତୋଳିଛନ୍ତି। ଏହି କ୍ରମରେ ୧୯୨୨ ମସିହାରେ ପ୍ରକାଶିତ ହୁଏ ଆଧୁନିକ ବିଶ୍ୱ ସାହିତ୍ୟର ସବୁଠାରୁ ଯୁଗାନ୍ତକାରୀ ତଥା କାଳଜୟୀ କାବ୍ୟ-ସୌଧ 'ଦ ୱେଷ୍ଟଲ୍ୟାଣ୍ଡ' (The Waste Land), ଯାହା ମହାକବି ଟି. ଏସ୍. ଇଲିଅଟ୍ (T. S. Eliot)ଙ୍କର ଏକ ଅମର ସାରସ୍ୱତ ସୃଷ୍ଟି। ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର ମାନବ ସଭ୍ୟତାର ଆଧ୍ୟାତ୍ମିକ ଶୂନ୍ୟତା, ନୈତିକ ଅବକ୍ଷୟ ଏବଂ ମାନସିକ ବିକ୍ଷିପ୍ତତାକୁ ଚିତ୍ରଣ କରିବା ପାଇଁ ଇଲିଅଟ୍ ଏହି କାବ୍ୟରେ ପ୍ରାଚୀନ ପୁରାତତ୍ତ୍ୱ ଏବଂ ଆଦିମ ସଂସ୍କୃତିର ଆଶ୍ରୟ ନେଇଛନ୍ତି। ବିଶେଷ କରି ଜେସି ୱେଷ୍ଟନ (Jessie L. Weston)ଙ୍କ ପ୍ରସିଦ୍ଧ ଗବେଷଣାତ୍ମକ ପୁସ୍ତକ 'ଫ୍ରମ୍ ରିଚୁଆଲ୍ ଟୁ ରୋମାନ୍ସ' (From Ritual to Romance) ଏବଂ ସାର୍ ଜେମ୍ସ ଫ୍ରେଜର (Sir James George Frazer)ଙ୍କ ପ୍ରଖ୍ୟାତ ମୃତ୍ତିକା ଓ ନୃତତ୍ତ୍ୱଭିତ୍ତିକ ଗ୍ରନ୍ଥ 'ଦ ଗୋଲ୍ଡେନ୍ ବାଓ'(The Golden Bough) ଦ୍ୱାରା ଅନୁପ୍ରାଣିତ ହୋଇ ସେ ଏହି ମହାକାବ୍ୟର ସଂରଚନା କରିଥିଲେ। ଏହି ଗ୍ରନ୍ଥଗୁଡ଼ିକ ମାଧ୍ୟମରେ ମହାକବି ଇଲିଅଟ୍ ଆଦିମଯୁଗୀୟ ମାନବ ସଭ୍ୟତାର ଜୀବନ-ଉପାସନା, ପ୍ରକୃତିର ରହସ୍ୟ, ସୃଷ୍ଟିର ନିୟତି ଏବଂ ମୃତ୍ୟୁ ଓ ପୁନର୍ଜନ୍ମର ଚିରନ୍ତନ ସତ୍ୟକୁ ନିଜ କାବ୍ୟର ଆତ୍ମା ଭାବେ ଗ୍ରହଣ କରିଛନ୍ତି।'ଦ ୱେଷ୍ଟଲ୍ୟାଣ୍ଡ' କାବ୍ୟଟି ବାହ୍ୟ ଦୃଷ୍ଟିରୁ ଏକ ଜଟିଳ ପ୍ରତୀକାତ୍ମକ କୃତି ଭାବେ ପ୍ରତିଭାତ ହେଉଥିଲେ ହେଁ, ଏହାର ଅଭ୍ୟନ୍ତରରେ ବିଭିନ୍ନ ପ୍ରାଚୀନ ସଂସ୍କୃତିର ମିଥ୍ ଅତି ଚମତ୍କାର ଭାବେ ସଂଯୋଜିତ ହୋଇଛି। ଇଲିଅଟ୍ ଏଥିରେ ପବିତ୍ର 'ଗ୍ରେଲ୍ ଲିଜେଣ୍ଡ' (Grail Legend) ବା ଅମୃତ ପାତ୍ରର ସନ୍ଧାନ କାହାଣୀ ଏବଂ ଗ୍ରୀକ୍ ପୁରାଣର ଅନ୍ଧ ଭବିଷ୍ୟବକ୍ତା 'ଟାଇରେସିୟସ୍' (Tiresias)ଙ୍କ ମିଥ୍‌କୁ ମୁଖ୍ୟ ସୂତ୍ରଧର ଭାବେ ବ୍ୟବହାର କରିଛନ୍ତି, ଯିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ମାନବୀୟ ଯନ୍ତ୍ରଣାକୁ ଏକତ୍ର ଅନୁଭବ କରୁଛନ୍ତି। କେବଳ ପାଶ୍ଚାତ୍ୟ ନୁହେଁ, ବରଂ ପ୍ରାଚ୍ୟ ଚେତନାର ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ ଭାରତୀୟ 'ବୃହଦାରଣ୍ୟକ ଉପନିଷଦ'ର ମିଥ୍‌କୁ ଆଣି ସେ କାବ୍ୟର ଶେଷ ଭାଗରେ 'ଦତ୍ତ, ଦୟାଧ୍ୱମ୍, ଦାମ୍ୟତ' ଏବଂ 'ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ର ମହାମନ୍ତ୍ର ଧ୍ୱନିତ କରିଛନ୍ତି। ଏହିପରି ଭାବେ, ପ୍ରାଚୀନ ପୌରାଣିକ ଘଟଣା ଓ ବିଭିନ୍ନ ସାଂସ୍କୃତିକ ପ୍ରସଙ୍ଗରୁ ମିଥ୍ ସଂଗ୍ରହ କରି ଇଲିଅଟ୍ ଆଧୁନିକ ମାନବର ମରୁଭୂମି ସଦୃଶ ଶୁଷ୍କ ଜୀବନକୁ ଏକ ନୂତନ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି, ଯାହା ବିଶ୍ୱ ସାହିତ୍ୟର ଇତିହାସରେ ସଦାସର୍ବଦା ଅନନ୍ୟ ଓ ସ୍ମରଣୀୟ ରହିବ।

ଆଧୁନିକ ପାଶ୍ଚାତ୍ୟ ସାହିତ୍ୟର ଅନନ୍ୟ କବି ଡବ୍ଲ୍ୟୁ. ବି. ୟେଟ୍ସ ନିଜ କାବ୍ୟ ସାଧନାରେ ମିଥ୍‌କୁ ଏକ ମୁଖ୍ୟ ଶିଳ୍ପ-ଶାସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ସେ ପ୍ରାଚୀନ ଆଇରିଶ୍ ଲୋକକଥା ଓ ପୁରାଣରୁ ରୂପକ ସଂଗ୍ରହ କରି ସମସାମୟିକ ଜୀବନର ସଙ୍କଟକୁ ସାହିତ୍ୟରେ ରୂପାୟିତ କରିବାରେ ସିଦ୍ଧହସ୍ତ ଥିଲେ। ଏହି କ୍ରମରେ ତାଙ୍କର ପ୍ରସିଦ୍ଧ ଐତିହାସିକ କବିତା 'ଇଷ୍ଟର, ୧୯୧୬' (Easter, 1916) ରେ ମିଥର ଚମତ୍କାର ପ୍ରୟୋଗ ଦେଖିବାକୁ ମିଳେ। ଏଥିରେ ସେ ସାଧାରଣ ସମକାଳୀନ ବିପ୍ଲବୀମାନଙ୍କୁ ପ୍ରାଚୀନ ପୌରାଣିକ ଚରିତ୍ର ସହିତ ତୁଳନା କରି ସେମାନଙ୍କ ତ୍ୟାଗକୁ କାଳଜୟୀ ମହତ୍ତ୍ୱ ପ୍ରଦାନ କରିଛନ୍ତି। ଅତ୍ୟଧିକ ପୌରାଣିକ ପ୍ରସଙ୍ଗର ଯଥାର୍ଥ ସଂଯୋଜନା ଦ୍ୱାରା ୟେଟ୍ସ ବର୍ତ୍ତମାନର ସାହିତ୍ୟିକ ବକ୍ତବ୍ୟକୁ ଅଧିକ ପ୍ରାଣବନ୍ତ, ବଳିଷ୍ଠ ଓ ଗତିଶୀଳ କରିପାରିଛନ୍ତି।

ସାହିତ୍ୟ ଇତିହାସରେ ପ୍ରସିଦ୍ଧ ପାଶ୍ଚାତ୍ୟ ସ୍ରଷ୍ଟା ସାମୁଏଲ୍ ଟେଲର୍ କୋଲରିଜ୍ (S. T. Coleridge)ଙ୍କୁ ଆମେ ସମସ୍ତେ ମୁଖ୍ୟତଃ ରୋମାଣ୍ଟିକ ସାହିତ୍ୟ ଆନ୍ଦୋଳନର ଜଣେ ପ୍ରମୁଖ ପୁରୋଧା ଭାବେ ଜାଣିଥାଉ। ମାତ୍ର ତାଙ୍କ ସାହିତ୍ୟିକ କୃତିରେ ପୁରାଣତତ୍ତ୍ୱ ଓ ପ୍ରାଚୀନ ରୂପକର ଯେଉଁ ଅତି ସୂକ୍ଷ୍ମ ବିନିଯୋଗ ହୋଇଛି, ତାହା ଆଜି ବି ବିଶ୍ୱ ସାହିତ୍ୟରେ ଏକ ବିସ୍ମୟର ବିଷୟ ହୋଇ ରହିଛି। କୋଲରିଜ୍ ପୁରାତନ ମିଥ୍ କିମ୍ବା ସେମିଟିକ୍ (Semitic) ପରମ୍ପରାର କାହାଣୀଗୁଡ଼ିକୁ ନିଜ କାବ୍ୟର କେବଳ ଏକ ବାହ୍ୟ ଅଳଙ୍କାର ବା ଦୃଶ୍ୟମାନ ଅଙ୍ଗ ଭାବେ ବ୍ୟବହାର କରିନଥିଲେ; ବରଂ ପରମ୍ପରାର ମୁଖ୍ୟ ବାହକ ଭାବେ ସେଗୁଡ଼ିକୁ କାବ୍ୟର ଆତ୍ମା ସହ ଯୋଡ଼ି ଦେଇଥିଲେ। ତାଙ୍କର ଏହି ରହସ୍ୟମୟ ମିଥ୍-ଚେତନା ପରବର୍ତ୍ତୀ ସମୟର ସାହିତ୍ୟିକ ଉତ୍ତର-ପର୍ବରେ ବହୁ ବିଶିଷ୍ଟ ଲେଖକ ଓ ସମାଲୋଚକମାନଙ୍କ ଉପରେ ଏକ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା। ତାଙ୍କର କାଳଜୟୀ କୃତି 'ଦ ରାଇମ୍ ଅଫ୍ ଦ ଏନ୍‌ସିଏଣ୍ଟ ମାରିନର୍'ରେ ଅତିପ୍ରାକୃତିକ ଉପାଦାନ ସାହାଯ୍ୟରେ ସେ ପ୍ରାଚୀନ ପୌରାଣିକ ବିଶ୍ୱାସ, ପାପ ଓ ପ୍ରାୟଶ୍ଚିତ୍ତର ଚିରନ୍ତନ ମୂଲ୍ୟବୋଧକୁ ପ୍ରକଟ କରିଛନ୍ତି। ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବା ସହ ତାକୁ ବର୍ତ୍ତମାନର ମାନସିକତା ସହ ଯଥାର୍ଥ ଭାବେ ସଂଯୋଜିତ କରିବାର ତାଙ୍କର ଏହି କଳାତ୍ମକ ଶୈଳୀ ପାଶ୍ଚାତ୍ୟ କାବ୍ୟ-ଦିଗ୍‌ବଳୟକୁ ଅଧିକ ବଳିଷ୍ଠ, ପ୍ରାଣବନ୍ତ ଓ ଗତିଯୁକ୍ତ କରିପାରିଛି।

ଉପରୋକ୍ତ ସମସ୍ତ ତାତ୍ତ୍ୱିକ ଆଲୋଚନାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପାଶ୍ଚାତ୍ୟ କାବ୍ୟ-ଦର୍ଶନରେ ମିଥ୍ (Myth) କେବଳ କୌଣସି ପୌରାଣିକ କାହାଣୀ ବା ବାହ୍ୟ ଅଳଙ୍କାର ମଧ୍ୟରେ ସୀମିତ ନୁହେଁ। ଏହା ହେଉଛି ଆଧୁନିକ ମାନବର ଜଟିଳ ମନସ୍ତତ୍ତ୍ୱ, ସାମାଜିକ ସଙ୍କଟ ଓ ନିୟତିର ରହସ୍ୟକୁ ପ୍ରକଟ କରିବାର ଏକ ଶକ୍ତିଶାଳୀ ସାରସ୍ୱତ ମାଧ୍ୟମ। ମହାକବି ୱର୍ଡ଼ସୱର୍ଥ, କୋଲରିଜ୍, ଟି. ଏସ୍. ଇଲିଅଟ୍, ରିଲ୍‌କେ ଏବଂ ଡବ୍ଲ୍ୟୁ. ବି. ୟେଟ୍ସଙ୍କ ଭଳି ଚିନ୍ତା-ନାୟକମାନେ ପ୍ରାଚୀନ ରୂପକର ଅଭିନବ ବିନିର୍ମାଣ କରି ଉତ୍ତର-ସାଧକମାନଙ୍କ ପାଇଁ ଏକ ସୁଦୃଢ଼ ଶିଳ୍ପଗତ ଆଦର୍ଶ ସୃଷ୍ଟି କରିଯାଇଛନ୍ତି। ସଂକ୍ଷେପରେ କହିବାକୁ ଗଲେ, ମିଥ୍ ହେଉଛି ଅତୀତର ଐତିହ୍ୟ ଓ ବର୍ତ୍ତମାନର ସମସାମୟିକ ଜୀବନବୋଧ ମଧ୍ୟରେ ଏକ ସାଂସ୍କୃତିକ ସେତୁବନ୍ଧ, ଯାହା ସାହିତ୍ୟିକ ବକ୍ତବ୍ୟକୁ ସଦାସର୍ବଦା ପ୍ରାଣବନ୍ତ, ବଳିଷ୍ଠ ତଥା କାଳଜୟୀ କରି ରଖିଥାଏ।

## ପାଶ୍ଚାତ୍ୟ ନାଟ୍ୟ ସାହିତ୍ୟ ରେ ମିଥ୍ :

"Drama is a copy of life, a mirror of costume, a reflection of truth".

**(ସିସେରୋ)**

ନାଟକ ହେଉଛି କଳାର ଏକମାତ୍ର ଶକ୍ତିଶାଳୀ ମାଧ୍ୟମ, ଯେଉଁଥିରେ ସମାଜ ଓ ମାନବ ଜୀବନର ରୀତିନୀତି ତଥା ଚାଲିଚଳନ ଯଥାର୍ଥ ଭାବରେ ପ୍ରତିଫଳିତ ହୋଇଥାଏ। କେବଳ ପ୍ରାଚ୍ୟ ଜଗତରେ ନୁହେଁ, ବରଂ ପାଶ୍ଚାତ୍ୟ ଭୂଖଣ୍ଡରେ ମଧ୍ୟ ନାଟକକୁ ଏକ ପୂର୍ଣ୍ଣାଙ୍ଗ ତଥା ସାର୍ବଜନୀନ କଳା ଭାବେ ଗ୍ରହଣ କରାଯାଇଛି। ଏହି କାରଣରୁ ବିଶ୍ୱ ନାଟ୍ୟ ସାହିତ୍ୟରେ ମିଥ୍ (Myth)ର ପ୍ରୟୋଗ ଏକ ଅତି ପ୍ରାଚୀନ ପରମ୍ପରା ହୋଇଥିଲେ ହେଁ, ଏହାର ଆଧୁନିକ ପ୍ରାସଙ୍ଗିକତା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଫରାସୀ (French)


© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ନାଟ୍ୟମଞ୍ଚରେ ଅତି ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥାଏ। ବିଶେଷ କରି ଜିନ୍-ପଲ୍ ସାର୍ତ୍ର (Jean-Paul Sartre) ଏବଂ ଆଲବର୍ଟ କାମୁ (Albert Camus) ଙ୍କ ଭଳି ଚିନ୍ତା-ନାୟକମାନେ ପ୍ରାଚୀନ ଗ୍ରୀକ୍ ମିଥ୍‌ର ଅଭିନବ ବିନିର୍ମାଣ କରି ଆଧୁନିକ ମଣିଷର ଅସ୍ତିତ୍ୱବାଦୀ ସଙ୍କଟ ଓ ମାନସିକ ସଂଘର୍ଷକୁ ନାଟକରେ ରୂପାୟିତ କରିଥିଲେ, ଯାହା ବିଶ୍ୱ ନାଟ୍ୟ ସାହିତ୍ୟକୁ ଅଧିକ ବଳିଷ୍ଠ, ପ୍ରାଣବନ୍ତ ଓ କାଳଜୟୀ କରିପାରିଛି।

ବିଂଶ ଶତାବ୍ଦୀର ବିବର୍ତ୍ତିତ ନାଟ୍ୟ ଜଗତରେ 'ମିଥ୍' (Myth) ଏକ ସୁପରିଚିତ ତଥା ପ୍ରଭାବଶାଳୀ ମାଧ୍ୟମ ଅଟେ। ଏହି କାରଣରୁ ଯୁଗାନ୍ତକାରୀ ନାଟ୍ୟକାରବୃନ୍ଦ ମାନବ ଜୀବନର ଲୌକିକ ସତ୍ୟ ଏବଂ ସୃଷ୍ଟିର ଅଲୌକିକ ରହସ୍ୟ ମଧ୍ୟରେ ଏକ ସୂକ୍ଷ୍ମ ପାର୍ଥକ୍ୟ ତଥା ସେତୁବନ୍ଧ ସ୍ଥାପନ କରି ଅନେକ ମିଥ୍‌ଧର୍ମୀ ନାଟକମାନ ରଚନା କରିଛନ୍ତି। ସେମାନଙ୍କର ଏହି କଳାତ୍ମକ ପ୍ରୟାସ ଦ୍ୱାରା ନାଟ୍ୟ ସଂରଚନା ମଧ୍ୟରେ ଏକ ନିବିଡ଼, ଗମ୍ଭୀର ଏବଂ ଘନରୂପୀ ଗୂଢ଼ ରହସ୍ୟ ପ୍ରଦାନ କରିବାରେ ନାଟକଗୁଡ଼ିକ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରିଛି, ଯାହା ଆଧୁନିକ ମଞ୍ଚକୁ ଅଧିକ ପ୍ରାଣବନ୍ତ ଓ ବୌଦ୍ଧିକ କରି ଗଢ଼ିତୋଳିଛି।

ବିଂଶ ଶତାବ୍ଦୀର ବିଶ୍ୱ ନାଟ୍ୟ ସାହିତ୍ୟର ଦିଗ୍‌ବଳୟରେ ପ୍ରଖ୍ୟାତ ଫରାସୀ ଦାର୍ଶନିକ ତଥା ନାଟ୍ୟକାର ଜିନ୍-ପଲ୍ ସାର୍ତ୍ରେ (Jean-Paul Sartre)ଙ୍କ ଭୂମିକା ଅତି ଅନନ୍ୟ ଅଟେ, ଯିଏ ୧୯୪୩ ଖ୍ରୀଷ୍ଟାବ୍ଦରେ ନିଜର ଯୁଗାନ୍ତକାରୀ ନାଟକ 'ଦ ଫ୍ଲାଇଜ୍' (The Flies) ରଚନା କରିଥିଲେ । ଏହି ନାଟକଟି ପ୍ରାଚୀନ ଗ୍ରୀକ୍ ପୁରାଣର କାଳଜୟୀ 'ଇଲେକ୍ଟ୍ରା' (Electra) ମିଥ୍ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ଓ ଅନୁପ୍ରାଣିତ । କାବ୍ୟିକ ନାଟକର ଏହି କାହାଣୀରେ ଆର୍ଗୋସ୍ ସହରର ରାଜକୁମାର ଓରେଷ୍ଟେସ୍ ଏବଂ ତାଙ୍କ ଭଗ୍ନୀ ଇଲେକ୍ଟ୍ରା ନିଜ ପିତା ତଥା ମହାନ ରାଜା ଆଗାମେମ୍ନନ୍‌ଙ୍କ ନିର୍ମମ ମୃତ୍ୟୁର ପ୍ରତିଶୋଧ ନେବାର ରୋମାଞ୍ଚକର ପୌରାଣିକ ଗାଥା ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି । ଜିନ୍-ପଲ୍ ସାର୍ତ୍ରେ ଏହି କୃତିରେ ବିଶ୍ୱଯୁଦ୍ଧ କାଳୀନ ପୃଷ୍ଠଭୂମିର ସାମାଜିକ 'ବାସ୍ତବବାଦୀ ଭାବଧାରା' (Realism) କୁ ଗ୍ରହଣ କରିଥିଲେ ହେଁ, ପ୍ରାଚୀନ ମିଥ୍ ହିଁ ଏହି ନାଟକର ମୁଖ୍ୟ ପ୍ରାଣବାହୀ ଅଙ୍ଗ ସାଜିଛି । ସେ ଏହି ପୌରାଣିକ ରୂପକର ସୂକ୍ଷ୍ମ ବିନିର୍ମାଣ କରି ଆଧୁନିକ ମଣିଷର ମାନସିକ ସଂଘର୍ଷ, ପାର୍ଥିବ ଦ୍ୱନ୍ଦ୍ୱ, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସର୍ବୋପରି ଅସ୍ତିତ୍ୱବାଦୀ (Existential) ଚେତନାକୁ ମଞ୍ଚ ଉପରେ ଏକ ଅଭିନବ ରୂପ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି । ସାର୍ତ୍ରେଙ୍କ ବ୍ୟତିତ ପରବର୍ତ୍ତୀ ସମୟରେ ଅନ୍ୟ ବହୁ ଯୁଗପ୍ରବର୍ତ୍ତକ ପାଶ୍ଚାତ୍ୟ ନାଟ୍ୟକାରବୃନ୍ଦ ମଧ୍ୟ ମିଥ୍‌କୁ ନିଜ ନାଟକର ଶକ୍ତିଶାଳୀ ମାଧ୍ୟମ ଭାବେ ବ୍ୟବହାର କରି ବିଶ୍ୱ ନାଟ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ଅସ୍ତିତ୍ୱବାଦୀ କଥାଶିଳ୍ପୀ ଆଲବର୍ଟ କାମୁ (Albert Camus) ଅନ୍ୟତମ, ଯିଏ ନିଜର ପ୍ରସିଦ୍ଧ ନାଟକ 'କାଲିଗୁଲା' (Caligula) ଏବଂ ପ୍ରବନ୍ଧ 'ଦ ମିଥ୍ ଅଫ୍ ସିସିଫସ୍' ମାଧ୍ୟମରେ ଆଧୁନିକ ମାନବ ଜୀବନର ଅସାରତା (Absurdity) କୁ ଉନ୍ମୋଚନ କରିଛନ୍ତି । ସେହିପରି ଅନ୍ୟତମ ଫରାସୀ ନାଟ୍ୟକାର ଜିନ୍ ଆର୍ନୋଇଲ୍ (Jean Anouilh) ପ୍ରାଚୀନ ଗ୍ରୀକ୍ ଟ୍ରାଜେଡିର ମିଥ୍‌କୁ ନେଇ 'ଆଣ୍ଟିଗୋନି' (Antigone) ଏବଂ 'ମେଡିଆ' ଭଳି ନାଟକ ରଚନା କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ରାଜନୈତିକ ସଙ୍କଟ ଓ ନୈତିକତାର ବାସ୍ତବ ଚିତ୍ର ପ୍ରକଟ କରିଛନ୍ତି । ଏଥିସହ ଆମେରିକୀୟ ନାଟ୍ୟ ସାହିତ୍ୟର ପୁରୋଧା ୟୁଜିନ୍ ଓ'ନିଲ୍ (Eugene O'Neill) ନିଜର ବିଶିଷ୍ଟ କୃତି 'ମୋର୍ନିଂ ବିକମ୍ସ ଇଲେକ୍ଟ୍ରା' (Mourning Becomes Electra) ରେ ଗ୍ରୀକ୍ ମିଥ୍ 'ଓରେଷ୍ଟିଆ'ର ଗମ୍ଭୀର ଶୈଳୀକୁ ଆଣି ଆଧୁନିକ ପାରିବାରିକ ସଙ୍କଟ ଓ ସୂକ୍ଷ୍ମ ମନସ୍ତତ୍ତ୍ୱକୁ ରୂପାୟିତ କରିଛନ୍ତି । କାବ୍ୟ-ନାଟ୍ୟକାର ଟି. ଏସ୍. ଇଲିଅଟ୍ ମଧ୍ୟ ନିଜର 'ଦ କକ୍‌ଟେଲ୍ ପାର୍ଟି' ନାଟକରେ ଗ୍ରୀକ୍ ପୁରାଣର 'ଆଲସେଷ୍ଟିସ୍' ମିଥ୍‌ର ସଫଳ ସଂଯୋଜନା କରିଛନ୍ତି । ସଂକ୍ଷେପରେ କହିବାକୁ ଗଲେ, ପାଶ୍ଚାତ୍ୟର ଏହି ସ୍ରଷ୍ଟାମାନେ ଲୌକିକ ସମସ୍ୟାକୁ ଅଲୌକିକ ମିଥ୍ ସହିତ ଯୋଡ଼ି ସାମ୍ପ୍ରତିକ ଜୀବନବୋଧକୁ ମଞ୍ଚ ଉପରେ ଅଧିକ ପ୍ରାଣବନ୍ତ, ବଳିଷ୍ଠ ଓ ଗତିଶୀଳ କରି ଗଢ଼ିତୋଳିଛନ୍ତି ।

## ପାଶ୍ଚାତ୍ୟ କଥା ସାହିତ୍ୟ ରେ ମିଥ୍:

କେବଳ ନାଟ୍ୟ ସାହିତ୍ୟ କିମ୍ବା କାବ୍ୟ ସାହିତ୍ୟରେ ହିଁ ମିଥ୍ (Myth) ବା ପୌରାଣିକ ରୂପକର ବ୍ୟବହାର ସୀମିତ ହୋଇ ରହିଛି, ତାହା ନୁହେଁ; ବରଂ ବିଶ୍ୱର ବିପୁଳ କଥା ସାହିତ୍ୟରେ (Fiction and Novels) ମଧ୍ୟ ଏହାର ପ୍ରାସଙ୍ଗିକ ତଥା ଗଭୀର ବ୍ୟବହାର ହୋଇଅଛି, ଯାହାକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ।

କଥା ସାହିତ୍ୟ ହେଉଛି ସାରସ୍ୱତ ସାମ୍ରାଜ୍ୟର ସବୁଠାରୁ ବଳିଷ୍ଠ, ଗତିଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଶାଖା, ଯାହା ମାନବ ଜୀବନର ବିଭିନ୍ନ ରହସ୍ୟମୟ ଘଟଣା, ସୂକ୍ଷ୍ମ ଅନୁଭବ, ଅନ୍ତର୍ନିହିତ ଭାବନା ଏବଂ ବିବର୍ତ୍ତିତ ସାମାଜିକ ପରିପ୍ରେକ୍ଷୀକୁ କାହାଣୀର ଆକର୍ଷଣୀୟ ଆଧାରରେ ଉପସ୍ଥାପନ କରିଥାଏ। ଏଥିରେ ଜଣେ ସାହିତ୍ୟ ସାଧକ ନିଜର ବ୍ୟକ୍ତିଗତ ଅଭିଜ୍ଞତା, ଗଭୀର ଚିନ୍ତାଧାରା ତଥା ଜୀବନ-ଦୃଷ୍ଟିଭଙ୍ଗୀକୁ ଅତି ଚମତ୍କାର ଭାବେ ଶିଳ୍ପୀୟ ରୂପ ପ୍ରଦାନ କରି ଅଭିବ୍ୟକ୍ତ କରିଥାନ୍ତି। ପ୍ରକୃତରେ, ମାନବ ସାହିତ୍ୟ ଓ ସଭ୍ୟତାର ଆଦିମତମ ମୂଳ ଉତ୍ସ ହେଉଛି 'ମିଥ୍' (Myth), ଯାହା ଜୀବନର ଚିରନ୍ତନ ମୂଲ୍ୟବୋଧକୁ ଧାରଣ କରିଥାଏ। ନାଟକ ଓ କବିତା ପରି କଥା ସାହିତ୍ୟରେ ମଧ୍ୟ ମିଥ୍‌ର ପ୍ରୟୋଗ ଅତି ପ୍ରାସଙ୍ଗିକ ଭାବେ ପରିଲକ୍ଷିତ ହୁଏ। ବିଶେଷ କରି ବିଂଶ ଶତାବ୍ଦୀର ପାଶ୍ଚାତ୍ୟ କଥା ସାହିତ୍ୟରେ ଏହି କଳାତ୍ମକ ବିନ୍ୟାସ ଏକ ନୂତନ ଗୌରବ ଲାଭ କରିଥିଲା। ସେହି ସମୟରେ ବିଶିଷ୍ଟ ଜର୍ମାନ କଥାଶିଳ୍ପୀ ଥୋମାସ୍ ମ୍ୟାନ୍ (Thomas Mann) ଏବଂ ପ୍ରଖ୍ୟାତ ଆଇରିଶ୍ ସ୍ରଷ୍ଟା ଜେମ୍ସ ଜଏସ୍ (James Joyce) ପ୍ରାଚୀନ ତଥା ପାରମ୍ପରିକ ମିଥ୍‌କୁ ଭିତ୍ତି କରି ଅନେକ ଯୁଗାନ୍ତକାରୀ ଉପନ୍ୟାସମାନ ରଚନା କରିଥିଲେ। ସେମାନେ ପ୍ରାଚୀନ ରୂପକର ସହାୟତାରେ ଆଧୁନିକ ମଣିଷର ମାନସିକତା, ନିଃସଙ୍ଗତା ଓ ଆଧାତ୍ମିକ ସଙ୍କଟକୁ ଉପନ୍ୟାସରେ ଏକ ନୂତନ ଦିଗ ପ୍ରଦାନ କରିଛନ୍ତି, ଯାହା ବିଶ୍ୱ କଥା ସାହିତ୍ୟକୁ ପରମ ସମୃଦ୍ଧ କରିପାରିଛି।

ବିଶିଷ୍ଟ ଜର୍ମାନ କଥାଶିଳ୍ପୀ ଥୋମାସ୍ ମ୍ୟାନ୍ (Thomas Mann) ନିଜ ସାରସ୍ୱତ କୃତିରେ ପ୍ରାଚୀନ ମିଥ୍‌କୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି ଏହି ପରିପ୍ରେକ୍ଷୀରେ ପ୍ରାଚୀନ ଭାରତୀୟ ସାହିତ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ 'ବେତାଳ ପଞ୍ଚବିଂଶତି' (Betal Panchabinsati) ରୁ ସୂକ୍ଷ୍ମ କଥାବସ୍ତୁ ଗୃହୀତ ହୋଇଛି । ମ୍ୟାନ୍‌ଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ଦାର୍ଶନିକ ଉପନ୍ୟାସ 'ଦ ଟ୍ରାନ୍ସପୋଜ୍‌ଡ୍ ହେଡ୍ସ' (The Transposed Heads) କୁ ଏହାର ଏକ ଶ୍ରେଷ୍ଠ ନିଦର୍ଶନ ଭାବେ ଗ୍ରହଣ କରାଯାଇପାରେ । ସେ ଏହି ପ୍ରଖ୍ୟାତ 'ବେତାଳ ପଞ୍ଚବିଂଶତି' ରୁ ଶୀର୍ଷ ବଦଳ ବା ମୁଣ୍ଡ ପରିବର୍ତ୍ତନର ବିସ୍ମୟକର ଆଖ୍ୟାନକୁ ଉଦ୍ଧାର କରି ଏହି ଉପନ୍ୟାସର କାଳଜୟୀ ସଂରଚନା କରିଛନ୍ତି । ଏହା ମାଧ୍ୟମରେ ସେ ମାନବ ମନ ଓ ଶରୀରର ଜଟିଳ ଦ୍ୱନ୍ଦ୍ୱକୁ ପ୍ରକଟ କରିଛନ୍ତି ପ୍ରାଚୀନ ଭାରତୀୟ ମିଥ୍‌ର ଏହି ଯଥାର୍ଥ ପ୍ରୟୋଗ ଦ୍ୱାରା ଥୋମାସ୍ ମ୍ୟାନ୍ ଆଧୁନିକ ପାଶ୍ଚାତ୍ୟ କଥା ସାହିତ୍ୟକୁ ଅଧିକ ବୌଦ୍ଧିକ, ପ୍ରାଣବନ୍ତ ଓ ଗତିଯୁକ୍ତ କରିପାରିଛନ୍ତି ଆଧୁନିକ ଉପନ୍ୟାସ କ୍ଷେତ୍ରରେ ମିଥ୍ (Myth) ର ଅଭିନବ ପ୍ରୟୋଗ ପ୍ରଖ୍ୟାତ ଆଇରିଶ୍ ସ୍ରଷ୍ଟା ଜେମ୍ସ ଜଏସ୍ (James Joyce)ଙ୍କ କଥା ସାହିତ୍ୟରେ ଅତି ସାରସ୍ୱତ ଶୈଳୀରେ ପ୍ରତିଫଳିତ ହୋଇଛି। ତାଙ୍କ ଦ୍ୱାରା ରଚିତ କାଳଜୟୀ ମନସ୍ତତ୍ତ୍ୱଭିତ୍ତିକ ଉପନ୍ୟାସ 'ୟୁଲିସିସ୍' (Ulysses) ରେ ଏହାର ବହୁଳ ତଥା ଗଭୀର ବିନିଯୋଗ ଦେଖିବାକୁ ମିଳିଥାଏ। ଜଏସ୍ ଏଥିରେ ପ୍ରାଚୀନ ଗ୍ରୀକ୍ ମହାକାବ୍ୟ 'ଓଡ଼ିଶୀ'ର ରୂପକ ସାହାଯ୍ୟରେ ଆଧୁନିକ ମଣିଷର ଦୈନନ୍ଦିନ ମାନସିକ ଦ୍ୱନ୍ଦ୍ୱ ଓ ନିଃସଙ୍ଗତାକୁ ଚିତ୍ରଣ କରିଛନ୍ତି। ବିଂଶ ଶତାବ୍ଦୀର


© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସାହିତ୍ୟ ଆକାଶରେ ତାଙ୍କର ଏହି ଅଭିନବ ପ୍ରୟାସ ପାଇଁ ମହାକବି ଟି. ଏସ୍. ଇଲିଅଟ୍ ତାଙ୍କୁ ସାରସ୍ୱତ କ୍ଷେତ୍ରରେ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନକାରୀ ଶିଳ୍ପୀ ତଥା 'ମାଇଥୋଲୋଜିକାଲ୍ ୱେ' (Mythological Way) ର ପ୍ରବକ୍ତା ଭାବେ ଘୋଷଣା କରିଥିଲେ। ପ୍ରାଚୀନ ପରମ୍ପରାର ଏହି ଯଥାର୍ଥ ପ୍ରୟୋଗ ବିଶ୍ୱ କଥା ସାହିତ୍ୟକୁ ଅଧିକ ବଳିଷ୍ଠ, ପ୍ରାଣବନ୍ତ ଓ ଗତିଯୁକ୍ତ କରିପାରିଛି।

ପ୍ରାଚୀନ କାଳର ଗ୍ରୀକ୍ ସାହିତ୍ୟର ସୁଦୂର ଦିଗ୍‌ବଳୟରେ ଆଦିକବି ହୋମର (Homer)ଙ୍କ କାଳଜୟୀ ମହାକାବ୍ୟ 'ଓଡେସି' (The Odyssey) ରେ ମିଥ୍ (Myth) ବା ପୌରାଣିକ ରୂପକର ପ୍ରାଥମିକ ପ୍ରୟୋଗ ଅତି ବଳିଷ୍ଠ ଭାବେ ପରିଲକ୍ଷିତ ହୋଇଥାଏ। ସାରସ୍ୱତ ତାତ୍ପର୍ଯ୍ୟ ଦୃଷ୍ଟିକୋଣରୁ ବିଚାର କଲେ, 'ଓଡେସି (The Odyssey)' ଶବ୍ଦର ପ୍ରକୃତ ଅର୍ଥ ହେଉଛି ଏକ ଦୀର୍ଘ, ରୋମାଞ୍ଚକର ତଥା ରହସ୍ୟମୟ 'ଜୀବନ ଯାତ୍ରା'. ବିଶ୍ୱ ସାହିତ୍ୟର ଏହି ଅମୂଲ୍ୟ ଗ୍ରନ୍ଥର ରଚନା କାଳ ମୁଖ୍ୟତଃ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀ ବୋଲି ଗବେଷକମାନଙ୍କ ଦ୍ୱାରା ନିରୂପିତ ହୋଇଅଛି। ଏହି ମହାକାବ୍ୟର ଆଧାର ହେଉଛି ପ୍ରାଚୀନ ଗ୍ରୀକ୍ ସଂସ୍କୃତିର ଏକ ପାରମ୍ପରିକ ତଥା ରହସ୍ୟାବୃତ ପୌରାଣିକ କାହାଣୀ, ଯାହାକୁ ଭିତ୍ତି କରି ମହାକବି ହୋମର ନିଜର ଶିଳ୍ପୀୟ ପ୍ରତିଭା ବଳରେ ଏହି ଗ୍ରନ୍ଥର ସାରସ୍ୱତ ବିନିର୍ମାଣ କରିଥିଲେ।ଏହି ମହାକାବ୍ୟରେ ଟ୍ରୋଜାନ୍ ଯୁଦ୍ଧ (Trojan War)ର ପ୍ରସିଦ୍ଧ ନାୟକ ଇଥାକାର ରାଜା ଓଡେସିଅସ୍ (Odysseus)ଙ୍କର ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ଦୀର୍ଘ ଦଶ ବର୍ଷର ସଂଘର୍ଷପୂର୍ଣ୍ଣ କାହାଣୀ ବର୍ଣ୍ଣିତ। ଏହି ଯାତ୍ରା ପଥରେ ସେ ଏକଚକ୍ଷୁ ବିଶିଷ୍ଟ ରାକ୍ଷସ ସାଇକ୍ଲୋପ୍ସ (Cyclops), ସମୁଦ୍ରର ଦେବତା ପୋସେଡନ୍ (Poseidon)ଙ୍କ କ୍ରୋଧ ଏବଂ ଅଲୌକିକ ମାୟାବିନୀ ଚରିତ୍ରମାନଙ୍କର ସମ୍ମୁଖୀନ ହୋଇଛନ୍ତି। ପ୍ରାଚୀନ ଗ୍ରୀକ୍ ମିଥ୍‌ର ଏହି ଯଥାର୍ଥ ତଥା କଳାତ୍ମକ ପ୍ରୟୋଗ କେବଳ ସେହି ସମୟର ଜୀବନ ଦର୍ଶନକୁ ପ୍ରକଟ କରେନାହିଁ; ବରଂ ପରବର୍ତ୍ତୀ ସମୟରେ ଜେମ୍ସ ଜଏସ୍‌ଙ୍କ ଭଳି ଆଧୁନିକ କଥାଶିଳ୍ପୀମାନଙ୍କ ପାଇଁ ନୂତନ କାବ୍ୟିକ ପରୀକ୍ଷା-ନିରୀକ୍ଷା ନିମନ୍ତେ ପ୍ରେରଣାର ଏକ ଶ୍ରେଷ୍ଠ ଉତ୍ସ ସାଜିଥାଏ। ସଂକ୍ଷେପରେ କହିବାକୁ ଗଲେ, ହୋମରଙ୍କ ଏହି ସୃଷ୍ଟି ମାନବ ସଭ୍ୟତା ଓ ସାହିତ୍ୟର ଏକ କାଳଜୟୀ ଆଧାର ଅଟେ।

କଥା ସାହିତ୍ୟ ହେଉଛି ମାନବ ଜୀବନର ସୂକ୍ଷ୍ମ ଅନୁଭବ, ଗଭୀର ଭାବନା ଓ ସାମାଜିକ ସତ୍ୟର ଏକ ସାରସ୍ୱତ ରୂପାୟନ। 'ମିଥ୍' (Myth) ହେଉଛି ଏହି କଥା ସାହିତ୍ୟର ଏକ ଅପରିହାର୍ଯ୍ୟ ତଥା ବଳିଷ୍ଠ ଅଙ୍ଗ, ଯାହାର ଅପୂର୍ବ କୁହୁକତା ପ୍ରାଚୀନ କାଳର ଆଦିକବି ହୋମରଙ୍କ ମହାକାବ୍ୟ ଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀର ଆଧୁନିକ ସ୍ରଷ୍ଟା ଜେମ୍ସ ଜଏସ୍‌ଙ୍କ କୃତି ପର୍ଯ୍ୟନ୍ତ ସର୍ବତ୍ର ପରିଲକ୍ଷିତ ହୋଇଥାଏ।

## ପାଶ୍ଚାତ୍ୟ ପ୍ରବନ୍ଧ ସାହିତ୍ୟ ରେ ମିଥ୍ :

ସାହିତ୍ୟର ସମସ୍ତ ବିଭାଗ ମଧ୍ୟରେ ପ୍ରବନ୍ଧ ହେଉଛି ସବୁଠାରୁ ଭିନ୍ନଧର୍ମୀ, ବୌଦ୍ଧିକ ତଥା ଗୁରୁତ୍ୱପୂର୍ଣ୍ଣ ଶାଖା। ଏହା ଏପରି ଏକ ସାରସ୍ୱତ ମାଧ୍ୟମ ଯାହା ଦ୍ୱାରା ଜଣେ ଲେଖକ ନିଜର ଗଭୀର ଚିନ୍ତାଧାରା, ସୂକ୍ଷ୍ମ ଅନୁଭୂତି, ବ୍ୟକ୍ତିଗତ ଜୀବନ-ଦର୍ଶନ ଏବଂ ସାମାଜିକ ବିଶ୍ଳେଷଣକୁ ସୁଚିନ୍ତିତ ବିଚାର ଓ ଯୁକ୍ତିଯୁକ୍ତ ତର୍କ ସହାୟତାରେ ଅତି ସାରଗର୍ଭକ ଭାବେ ଅଭିବ୍ୟକ୍ତ କରିଥାନ୍ତି। ପ୍ରବନ୍ଧ କେବଳ ଶୁଷ୍କ ଜ୍ଞାନ ବା ପ୍ରାମାଣିକ ଚିନ୍ତନର ଏକ ସମାହାର ନୁହେଁ, ବରଂ ଏହା ଏକ ଅନନ୍ୟ ସାରସ୍ୱତ ଶିଳ୍ପ-କଳା। ପାଶ୍ଚାତ୍ୟ ଜଗତରୁ ଆନୀତ ଏହି ସାହିତ୍ୟିକ। ଚିନ୍ତା ଓ ଶୈଳୀର ଅପୂର୍ବ ସମ୍ମିଶ୍ରଣରେ ସାଧାରଣ ଆଲୋଚନାକୁ କେବଳ ଚିନ୍ତନ ମଧ୍ୟରେ ସୀମିତ ନରଖି ଏକ ରହସ୍ୟମୟ ଦାର୍ଶନିକ ଯାତ୍ରାରେ ପରିଣତ କରେ। ବାସ୍ତବରେ, ପ୍ରବନ୍ଧ ସାହିତ୍ୟ ହେଉଛି ମାନବ ସଭ୍ୟତାର ଏକ ସ୍ୱଚ୍ଛ ସାଂସ୍କୃତିକ ଦର୍ପଣ, ଯାହା ମନୁଷ୍ୟର ଅସ୍ତିତ୍ୱ, ସାମାଜିକ ସଙ୍କଟ ଓ ଜୀବନର ମୂଲ୍ୟବୋଧକୁ ରାଜନୈତିକ ପୃଷ୍ଠଭୂମି ଠାରୁ ଆରମ୍ଭ କରି ଚିରନ୍ତନ ଆଧ୍ୟାତ୍ମିକ ଦୃଷ୍ଟିକୋଣ ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ ରୂପାୟିତ କରିଥାଏ।

ସାର୍ ଜେମ୍ସ ଜର୍ଜ ଫ୍ରେଜରଙ୍କ ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ 'ଦ ଗୋଲ୍ଡେନ୍ ବାଓ' (The Golden Bough) ହେଉଛି ପ୍ରାଚୀନ ପୁରାଣ ଓ ଧର୍ମର ଏକ ବ୍ୟାପକ ତୁଳନାତ୍ମକ ଅଧ୍ୟୟନ। ବିଶେଷ କରି ବିଂଶ ଶତାବ୍ଦୀର ସାହିତ୍ୟିକ ଓ ନୃତତ୍ତ୍ୱଭିତ୍ତିକ ଦିଗ୍‌ବଳୟରେ ଏହି ଗ୍ରନ୍ଥର ସୁଦୂରପ୍ରସାରୀ ପ୍ରଭାବ ଦେଖିବାକୁ ମିଳିଥାଏ। ଏହି ଗ୍ରନ୍ଥର ମୂଳ କଥାବସ୍ତୁ ରୋମାନ୍ କବି ଭର୍ଜିଲ୍‌ଙ୍କ ମହାକାବ୍ୟ 'ଏନିଡ୍'ର ସେହି ପ୍ରସିଦ୍ଧ ମିଥ୍ ଉପରେ ଆଧାରିତ, ଯେଉଁଠାରେ ନାୟକ ଏନିୟାସ୍ ଏବଂ ଭବିଷ୍ୟବକ୍ତା ସିବିଲ୍ ପାତାଳ ପୁରୀରେ ପ୍ରବେଶ କରିବା ନିମନ୍ତେ ଏକ ପବିତ୍ର ଓକ୍ ଗଛରୁ ଖଣ୍ଡିଏ ସ୍ୱର୍ଣ୍ଣିମ ଡାଳ ସଂଗ୍ରହ କରି ମୃତ୍ୟୁର ଦ୍ୱାରପାଳଙ୍କ ନିକଟକୁ ଯାଇଥିଲେ। ଫ୍ରେଜର ଏହି ଆଖ୍ୟାନକୁ ନେମି ହ୍ରଦ କୂଳରେ ଅବସ୍ଥିତ ପବିତ୍ର ଅରଣ୍ୟର ପ୍ରାଚୀନ ରୀତିନୀତି ସହ ତୁଳନା କରିଛନ୍ତି । ସେଠାରେ ଅରଣ୍ୟର ରାଜା ତଥା ପୁରୋହିତ ନେମୋରେନସିସ ଙ୍କୁ ତାଙ୍କର ଉତ୍ତରାଧିକାରୀ ଦ୍ୱାରା ହତ୍ୟା କରାଯାଉଥିଲା ।ଏହି ରହସ୍ୟମୟ ପରମ୍ପରାକୁ ବିଶ୍ଳେଷଣ କରି ଫ୍ରେଜର ଦର୍ଶାଇଛନ୍ତି ଯେ ପ୍ରାଚୀନ ମାନବ ସମାଜରେ ଏହି ରାଜାଙ୍କୁ ଈଶ୍ୱରଙ୍କର ମାନବୀୟ ଅବତାର କିମ୍ବା ବନସ୍ପତିର ଜୀବନ୍ତ ଆତ୍ମା ଭାବେ ଗ୍ରହଣ କରାଯାଉଥିଲା, ଯିଏ ମର୍ତ୍ତ୍ୟରେ ଜଣେ ଦେବୀଙ୍କୁ ସାଙ୍କେତିକ ଭାବେ ବିବାହ କରୁଥିଲେ । ପରବର୍ତ୍ତୀ ସମୟରେ, ପ୍ରକୃତିର ସୁରକ୍ଷା ଓ ଶସ୍ୟ କ୍ଷେତ୍ରର ଉର୍ବରତା ପାଇଁ ସେହି ରାଜାଙ୍କର ବଳିଦାନ ବା ମୃତ୍ୟୁ ଘଟୁଥିଲା, ଯାହା ପୃଥିବୀରେ ନୂତନ ଶସ୍ୟର ଉତ୍ପତ୍ତି ଓ ପ୍ରାକୃତିକ ଅମଳକୁ କେନ୍ଦ୍ର କରି ଅନେକ ଆଦିମ ମିଥ୍ ସୃଷ୍ଟି କରିଥିଲା । ଏହି ସମସ୍ତ ଅଲୌକିକ ଘଟଣାକୁ କେନ୍ଦ୍ର କରି ହିଁ ମାନବ ସଭ୍ୟତାରେ ଜନ୍ମ, ମୃତ୍ୟୁ, ପ୍ରେମ ଏବଂ ପୁନର୍ଜନ୍ମର କାଳଜୟୀ ମିଥ୍ ସମୂହ ଗଠିତ ହୋଇଛି, ଯାହା ବିଶ୍ୱ ସାହିତ୍ୟର ସଂରଚନାକୁ ସଦାସର୍ବଦା ଋଦ୍ଧିମନ୍ତ କରିଆସିଛି ।

ଆଲବର୍ଟ କାମ୍ୟୁଙ୍କ 'ଦ ମିଥ୍ ଅଫ୍ ସିସିଫସ୍' ଏବଂ ନର୍ଥରପ୍ ଫ୍ରାଇଙ୍କ 'ଆନାଟୋମି ଅଫ୍ କ୍ରିଟିସିଜମ୍' ହେଉଛି ପାଶ୍ଚାତ୍ୟ ସାହିତ୍ୟର ଦୁଇଟି ଯୁଗାନ୍ତକାରୀ ପ୍ରବନ୍ଧ ଗ୍ରନ୍ଥ, ଯେଉଁଠାରେ ପ୍ରାଚୀନ ପୌରାଣିକ ଆଖ୍ୟାନ ବା ମିଥ୍‌କୁ ଆଧୁନିକ ମନସ୍ତତ୍ତ୍ୱ, ଅସ୍ତିତ୍ୱବାଦୀ ସଙ୍କଟ ଏବଂ ସାମାଜିକ ଜୀବନବୋଧ ସହ ଅତି ନିପୁଣ ଭାବେ ସଂଯୋଜିତ କରାଯାଇ ପ୍ରବନ୍ଧ ସାହିତ୍ୟକୁ ପରମ ବଳିଷ୍ଠ, ପ୍ରାଣବନ୍ତ ତଥା କାଳଜୟୀ ରୂପେ ଗଢ଼ିତୋଳା ଯାଇଛି।

ପ୍ରବନ୍ଧ ସାହିତ୍ୟ ହେଉଛି ମାନବୀୟ ଚିନ୍ତା, ଗଭୀର ଅନୁଭବ ଏବଂ ସାମାଜିକ ଜୀବନର ଏକ ସୂକ୍ଷ୍ମ ଦାର୍ଶନିକ ଅନୁସନ୍ଧାନ। ଏହି ସାରସ୍ୱତ ବିଧାରେ 'ମିଥ୍' (Myth) ଅର୍ଥାତ୍ ପୌରାଣିକ ଗାଥା ଓ ରୂପକାତ୍ମକ ପ୍ରସଙ୍ଗଗୁଡ଼ିକ ମାନବ ଜୀବନର ଚିରନ୍ତନ ତଥା ଗୂଢ଼ ସତ୍ୟକୁ ଚମତ୍କାର ଭାବେ ଉଦ୍‌ଭାସିତ କରିଥାନ୍ତି। ପ୍ରାଚୀନ ଆଖ୍ୟାନର ଏହି ଯଥାର୍ଥ ପ୍ରୟୋଗ ମାଧ୍ୟମରେ ଜଣେ ପ୍ରାବନ୍ଧିକ ମନୁଷ୍ୟ ଚେତନାର ଅନ୍ତର୍ନିହିତ ରହସ୍ୟ ଏବଂ ଅଦୃଶ୍ୟ ଭାବନାକୁ ଖୁବ୍ ସହଜରେ ଉନ୍ମୋଚିତ କରିପାରନ୍ତି। ବାସ୍ତବରେ, ଏହି ମିଥ୍-ଚେତନା ପ୍ରବନ୍ଧ ସାହିତ୍ୟକୁ କେବଳ ଶୁଷ୍କ ବୌଦ୍ଧିକ ଚିନ୍ତନ ମଧ୍ୟରେ ସୀମିତ ନରଖି ଏକ ପ୍ରାଣବନ୍ତ, ବଳିଷ୍ଠ ତଥା କାଳଜୟୀ ରୂପ ପ୍ରଦାନ କରେ।

## ଉପସଂହାର :

ଉପରୋକ୍ତ ସମସ୍ତ ତାତ୍ତ୍ୱିକ ଓ ସାରସ୍ୱତ ବିଶ୍ଳେଷଣରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱରେ 'ମିଥ୍' (Myth) ଏକ ଅବିଚ୍ଛେଦ୍ୟ, ଅପରିହାର୍ଯ୍ୟ ତଥା ପରମ ଗଭୀର ଅଂଶ, ଯାହା ମୂଳତଃ ଗ୍ରୀକ୍, ରୋମାନ୍ ଏବଂ ସମଗ୍ର ୟୁରୋପୀୟ ସଂସ୍କୃତିର ଆଦିମ ଚେତନା ସହିତ ଓତଃପ୍ରୋତ ଭାବେ ଜଡ଼ିତ।


© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମିଥ୍ କେବଳ ସାଧାରଣ ଦେବାଦେବୀଙ୍କ ଉପାଖ୍ୟାନ ବା କଳ୍ପନା ପ୍ରସୂତ କାହାଣୀ ମଧ୍ୟରେ ସୀମିତ ନୁହେଁ; ବରଂ ଏହା ମାନବ ଜୀବନର ଚିରନ୍ତନ ମୂଲ୍ୟବୋଧ, ନୈତିକ ଆଦର୍ଶ ଏବଂ ସାଂସ୍କୃତିକ ସଂସ୍କାରର ଏକ ବଳିଷ୍ଠ ରୂପକ ଭାବେ ବିଶ୍ୱ ସାହିତ୍ୟକୁ ଏକ ଗଭୀର ତଥା ଅନନ୍ୟ ଅର୍ଥ ପ୍ରଦାନ କରିଥାଏ। ଉପନ୍ୟାସ, ନାଟକ, କବିତା ଓ ପ୍ରବନ୍ଧ ପରି ସାହିତ୍ୟର ପ୍ରତ୍ୟେକ ବିଭାଗରେ ଏହି କାଳଜୟୀ ତତ୍ତ୍ୱର ଯଥାର୍ଥ ବିନିଯୋଗ ହୋଇଛି, ଯାହା ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ଭୂମିରୁ ପ୍ରାଚ୍ୟ ଜଗତର ବୌଦ୍ଧିକ ଚେତନାକୁ ସଂକ୍ରମିତ କରି ବିଭିନ୍ନ ସାରସ୍ୱତ ମାଧ୍ୟମରେ ଆଧୁନିକ ମାନବର ଜଟିଳ ଚିନ୍ତାଧାରା ଓ ଅସ୍ତିତ୍ୱବାଦୀ ସଙ୍କଟ ସହିତ ଅତି ନିବିଡ଼ ଭାବେ ଯୋଡ଼ି ହୋଇଯାଇଛି। ବାସ୍ତବରେ, ମିଥ୍ ହେଉଛି ସାହିତ୍ୟର ସେହି ପରମ ସ୍ପନ୍ଦନ ବା ଜୀବନ-ଆତ୍ମା, ଯାହା ପ୍ରାଚୀନ ଐତିହ୍ୟ ସହ ସାମ୍ପ୍ରତିକ ସମସାମୟିକ ସତ୍ୟକୁ ଯଥାର୍ଥ ଭାବେ ସଂଯୋଜିତ କରି ମାନବୀୟ ଅନୁଭୂତିକୁ ସାର୍ବଜନୀନ ତଥା କାଳଜୟୀ ରୂପେ ପ୍ରତିଷ୍ଠିତ କରିଥାଏ।

## ସହାୟକ ଗ୍ରନ୍ଥସୂଚୀ :

1. ମହାପାତ୍ର ଚିନ୍ମୟୀ. ଓଡ଼ିଆ କାବ୍ୟ କବିତାର ମିଥ୍ ପ୍ରୟୋଗ. ୧ମ ସଂସ୍କରଣ. ଜଗନ୍ନାଥ ରଥ, ପ୍ରକାଶକ; ୨୦୦୯ ।
2. ମିଶ୍ର ଗିରିଶ ଚନ୍ଦ୍ର. ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ. ୨ୟ ସଂସ୍କରଣ. ଆର୍ଯ୍ୟପ୍ରକାଶନ, ପ୍ରକାଶକ; ୧୯୯୫ ।
3. ମହାପାତ୍ର ସତ୍ୟନାରାୟଣ. ଇଂରେଜୀ ସାହିତ୍ୟର ଇତିହାସ. ୪ର୍ଥ ସଂସ୍କରଣ. ଗ୍ରନ୍ଥ ମନ୍ଦିର, ପ୍ରକାଶକ; ୨୦୦୯ ।
4. ରାୟ ମାଳବିକା. ମିଥ୍ ଓ ଆଧୁନିକ ଓଡ଼ିଆ କବିତା. ୧ମ ସଂସ୍କରଣ. ଅଗ୍ରଦୂତ, ପ୍ରକାଶକ; ୧୯୯୩ ।
5. ମିଶ୍ର ଚିତ୍ତରଞ୍ଜନ. ସାମ୍ପ୍ରତିକ ପାଶ୍ଚାତ୍ୟ ସାହିତ୍ୟତତ୍ତ୍ୱ. ୧ମ ସଂସ୍କରଣ. ଗ୍ରନ୍ଥମନ୍ଦିର, ପ୍ରକାଶକ; ୨୦୦୫ ।
6. ଗାଁଣ ଅନାଦି ଚରଣ. ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ. ୧ମ ସଂସ୍କରଣ. ବିଦ୍ୟାପୁରୀ, ପ୍ରକାଶକ; ୨୦୦୪ ।
7. ଦାଶ ଜଗନ୍ନାଥ. ଇଂରାଜୀ ସାହିତ୍ୟର ସଂକ୍ଷିପ୍ତ ଇତିହାସ. ୧ମ ସଂସ୍କରଣ. ପକ୍ଷୀଘର ପ୍ରକାଶନୀ, ପ୍ରକାଶକ; ୨୦୨୦ ।
8. ମିଶ୍ର ସୌଭାଗ୍ୟ କୁମାର. ବିଶ୍ୱ ସାହିତ୍ୟ ପରିଚୟ. ୧ମ ସଂସ୍କରଣ. ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପ୍ରକାଶକ; ୧୯୭୨ ।

1. Campbell J. *The Mythic Image*. Princeton (NJ): Princeton University Press; 1974.
2. Müller M. *On the Philosophy of Mythology*. Lecture delivered at the Royal Institution; 1871.
3. Murray HA, editor. *Myth and Mythmaking*. New York: George Braziller; 1959.
4. Malinowski B. *Myth in Primitive Psychology*. London: Read Books Ltd; 1926.
5. Frazer JG. *The Golden Bough*. London: Macmillan and Co.; 1890.
6. Kerrigan M. *English Myths*. London: Amber Books; 2022.

**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

**About the Corresponding Author**



ରୁଦ୍ର ନାରାୟଣ ବେଉରା ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଜ୍ଞାବାନ ପ୍ରାକ୍ତନ ଛାତ୍ର। ଓଡ଼ିଆ ଭାଷା-ସାହିତ୍ୟ, କାବ୍ୟ-କବିତା, ନାଟକ , ଗଳ୍ପ, ଉପନ୍ୟାସ,ସଂସ୍କୃତ ସାହିତ୍ୟ ଓ ତୁଳନାତ୍ମକ ପ୍ରବନ୍ଧ ରଚନାରେ ତାଙ୍କର ଅଗାଧ ଅନୁରାଗ ରହିଛି। ସେ ଆଧୁନିକ କବିତା ସମେତ ସାହିତ୍ୟର ବିଭିନ୍ନ ଦିଗରେ ନିରନ୍ତର ଅଧ୍ୟୟନ ଓ ଗବେଷଣା ପାଇଁ ଏକ ସମର୍ପିତ ସାଧକ ଭାବେ ବ୍ରତୀ।


© 2026 ରୁଦ୍ର ନାରାୟଣ ବେଉରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/